# CHIRANTANA



# ଚିରନ୍ତନ

ସଂଖ୍ୟା ୪୪, ମାର୍ଚ୍ଚ ୩, ୨୦୨୦




Jagannath Organization for Global Awareness (JOGA)

Issue No: 44, March 3, 2020

http://www.jogaworld.org

# Contents


| Article | Author | Page No |
|---|---|---|
| Bhagabat Gita | JOGA | 2 |
| Jagannatha Birajile | JOGA | 3 |
| Popular Bhajans:<br>Bhajamana Pankaja Dola<br>Mana Bhramarare E Phulare Nahin Basa | JOGA | 5 |
| Upcoming Programs by JOGA | JOGA | 6 |
| Completed Programs by JOGA:<br>Mahamantra and Chhapana Bhoga<br>Odia Poetry Reading | JOGA Report | 6 |
| Monthly Bhajan Program News | JOGA Report | 9 |
| Poems/Stories | | 11 |
| Bhagaban Kie - 4 | Sulochana Pattnaik | 11 |
| Mangalamaya Mangalakara | Bigyani Das | 12 |
| Talent Search Scholarship | JOGA Report | 13 |
| Bhajan Sponsors | JOGA Report | 13 |
| Sponsor List for Deity Prana Pratistha Puja | JOGA Report | 14 |
| Holi Announcement | JOGA Report | 15 |
| Unmochana (Odia Poems) | Shashadhar Mohapatra, Babru Samal, Rakhi Panda, Bigyani Das, Binod Nayak, Sulochana Pattnaik, Sikhanda Satapathy, Kruttibas Nayak | 16 |


## Bhajan Schedule: Third Saturday of every month*

**Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)**
**6:00 –9:00 PM Bhajan, Philosophical Discussion, Arati, and Prasad**

*** On occasions the timing may change due to Temple Events. Please call (410) 531-7445 to verify.**

## Holi on March 14, 2020:

JOGA annual Holi Celebration will take place at Hindu Temple, Adelphi on March 14, 2020. Please check the Holi announcement page for more about Holi information.


## Chirantana Info:

Chirantana is the bi-annual newsletter of Jagannath Organization for Global Awareness (JOGA). Chirantana is published around February and August months of every year.

## Editor: Dr Bigyani Das

Deadlines: Religious, philosophical and educational articles are invited from the authors by January 15 and July 15 of every year for February and August issues respectively. All submissions are subject to review.

# Bhagabat Gita: The Sacred Hindu Scripture




ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ
ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍‌ବ୍ରହ୍ମଣି ତେ ସ୍ଥିତା ।।୫-୧୯।।

ଏହି ଶ୍ଳୋକଟି ଭଗବଦ୍ ଗୀତାର **ପଞ୍ଚମ ଅଧ୍ୟାୟରେ ନବଦଶଃ ପଂକ୍ତିରେ** ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ଯେଉଁମାନଙ୍କର ଅନ୍ତଃକରଣ ସମତାରେ ସ୍ଥିତ, ସେମାନେ ଜୀବିତ ଅବସ୍ଥାରେ ହିଁ ସାରା ସଂସାରକୁ ଜୟ କରିଯାଇଛନ୍ତି, ଅର୍ଥାତ୍ ଜୀବନ୍ମୁକ୍ତ ହୋଇଯାଇଛନ୍ତି; କାରଣ ବ୍ରହ୍ମ ନିର୍ଦୋଷ ଓ ସମ, ତେଣୁ ସେମାନେ ବ୍ରହ୍ମରେ ହିଁ ସ୍ଥିତ ।"

*ihaiva tairjitaha sargo yeshaam saamye sthitam manaha |*
*nirdosham hi samam brahma tasmaadbrahmani te sthitaaha || 19 ||*

This Sloka is described in the nineteenth stanza of the fifth chapter. Lord Krishna said to Arjun, "Here in this world itself, they have conquered creation, those who establish their intellect in equanimity. For, the eternal essence is defect-free and harmonious; therefore, they are established in the eternal essence."

# ଜଗନ୍ନାଥ ବିରାଜିଲେ

ବିଜ୍ଞାନୀ ଦାସ

ଏମିତି ନୁହେଁ କି ଜଗନ୍ନାଥ ସେଠି ନଥିଲେ । ହେଲେ ଶେଷରେ ଦୀର୍ଘ ପାଞ୍ଚ ବର୍ଷର ପ୍ରତୀକ୍ଷା ପରେ ତାଙ୍କର ପ୍ରତିଷ୍ଠା ହେଲା । ତାଙ୍କ ଯୋଗ୍ୟ ମନ୍ଦିର ନଥିଲା । ତାଙ୍କ ଯୋଗ୍ୟ ଆଡମ୍ବର ନଥିଲା । ତାଙ୍କ ଯୋଗ୍ୟ ଉପଚାର ମଧ୍ୟ ନଥିଲା । ତେବେ କିଛି ଭକ୍ତଙ୍କର ହୃଦୟର ଅଗାଢ ପ୍ରେମ, ଭକ୍ତି, ଆଉ ଭାବରେ ବିମୋହିତ ହୋଇ ହୁଏତ ଜଗନ୍ନାଥ ବିରାଜମାନ ହେବାକୁ ଇଚ୍ଛା କଲେ ।  ହିଉଷ୍ଟନ୍‌ରୁ ଆସିଲେ ପଣ୍ଡିତ ବିଭୁ ମିଶ୍ର । ରିଚ୍‌ମଣ୍ଡ୍‌ରୁ ଆସିଲେ ପଣ୍ଡିତ ଅଭୟ ପାଢୀ । ବେଦ ଆଉ ମନ୍ତ୍ର ଉଚ୍ଚାରଣରେ କୋଠରିଟିର ଚତୁର୍ଦ୍ଦିଗ ମୁଖରିତ ହୋଇଉଠିଲା । ହୋମ ସହିତ ମନ୍ତ୍ରୋଚାରଣ ଏକ ଦିବ୍ୟ ପରିବେଶ ସୃଷ୍ଟି କରିଥିଲା ।



ଧୂଆଁରେ ସାରା କୋଠରି ଧୂମ୍ରାୟିତ ହୋଇଗଲା । ବ୍ରାହ୍ମଣ କହିଲେ, "ଏସବୁ ହୋମ ବାହାରେ ହୋଇଥାଆନ୍ତା । ହେଲେ ଶୀତଦିନରେ ଏସବୁ ବାହାରେ କରିବା ଅସମ୍ଭବ । ତେଣୁ କୋଠରି ଭିତରେ ହିଁ କରିବାକୁ ପଡିଲା ।" କହିବା ବାହୁଲ୍ୟ ଯେ, ଠାକୁର ତାଙ୍କ କାମ ପାଇଁ ପାଗ ମଧ୍ୟ ଭଲ କରିଦେଲେ । ନହେଲେ ଜାନୁୟାରୀ ମାସରେ ଏଠି ପ୍ରଚଣ୍ଡ ଶୀତ ସାଙ୍ଗକୁ ବରଫ ପଡେ । ହେଲେ ଠାକୁରଙ୍କ ପ୍ରତିଷ୍ଠା କାମର ଦିନ ମାନଙ୍କରେ ସେମିତି ଶୀତ ନଥିଲା କି ବରଫ ବି ପଡିନଥିଲା । ସବୁକାମ ସୁରୁଖୁରୁରେ ହୋଇଗଲା । ଯେଉଁମାନେ ଯେଉଁ କାମ କରିବାପାଇଁ ପ୍ରତିବଦ୍ଧ ଥିଲେ, ସେମାନେ ନିଜ ଦାୟିତ୍ୱ ଅତି ନିଷ୍ଠାର ସହିତ ସଂପନ୍ନ କରିଥିଲେ । ତିନିଦିନ କେମିତି ବିତିଗଲା, ଜଣାପଡିଲାନି । ଲାଗୁଥିଲା ଯେମିତି ଏକ ମହୋତ୍ସବ ଚାଲିଛି । ଅନେକ ଦିନ ପରେ ଏମିତି ଏକ ନିଆରା ସମାରୋହ ହୋଇଥିଲା । ଶେଷଥର ହୋଇଥିଲା ୨୦୦୭ରେ ଯେତେବେଳେ ହିନ୍ଦୁ ମନ୍ଦିରରେ ଜଗନ୍ନାଥଙ୍କର ପ୍ରତିଷ୍ଠା ହୋଇଥିଲା । ହେଲେ ଏଥର ଟିକେ ଅଲଗା ଲାଗିଲା । ପଣ୍ଡିତ ବିଭୁ ମିଶ୍ରଙ୍କ ପରାମର୍ଶରେ ପ୍ରଥମେ ଅନେକ ମଣ୍ଡଳ ସଜାଇବାକୁ ପଡିଲା । ଯୋଗିନୀ ମଣ୍ଡଳ, ଭୈରବ ମଣ୍ଡଳ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ନିମନ୍ତେ ପ୍ରସ୍ତୁତ ମଣ୍ଡଳ, କ୍ଷେତ୍ରପାଳଙ୍କ ମଣ୍ଡଳ, ଇତ୍ୟାତି ମଣ୍ଡଳମାନ ଅତି ସୁନ୍ଦର ରୂପେ ପ୍ରସ୍ତୁତ ହେଲା । ସେସବୁ ଉପରେ ଗୁଆ, ନଡିଆ, ଫୁଲ, ବସ୍ତ୍ର ଓ ଭୋଗ ରଖାଗଲା । କଳସ ଗୁଡିକ ଅତି ସୁନ୍ଦର ଭାବେ ସଜାଇ ରଖାଗଲା । ପ୍ରତିଷ୍ଠା ଶେଷ ଦିନ, ଠାକୁରଙ୍କର ସୁନାବେଶ କରାଗଲା ।

ଏବେ ଠାକୁରଙ୍କର ପ୍ରତିଦିନ ପୂଜା ପାଇଁ ବ୍ରାହ୍ମଣ ଆସିନାହାନ୍ତି । ସ୍ୱେଚ୍ଛାସେବୀ ଓଡିଆମାନେ ପାଳି କରି ଠାକୁରଙ୍କର ପ୍ରତିଦିନର ପୂଜାକାର୍ଯ୍ୟ ସମାପନ କରୁଛନ୍ତି । ତେବେ ଦେଖାଯାଉ ଠାକୁର କେମିତି ପଥ ଦେଖାଉଛନ୍ତି ଓ ଭକ୍ତମାନଙ୍କର ହୃଦୟକୁ ପରିଚାଳିତ କରୁଛନ୍ତି । ସିଏ ଯଦି ଅନୁଗ୍ରହ କରିବେ, ତେବେ ତାଙ୍କ ପାଇଁ ଭବ୍ୟ ମନ୍ଦିର ଗଢିବାକୁ ଖୁବ୍ ଶୀଘ୍ର ସମସ୍ତ ଉପାଦାନର ଆୟୋଜନ ହୋଇଯିବ । ଅର୍ଥ, ପୂଜକ, ଭକ୍ତ, ସମର୍ଥକ, ସ୍ୱେଚ୍ଛାସେବୀ ସବୁକିଛି ଯୋଗାଡ ହୋଇଯିବ । ସେଇ ପ୍ରଭୁଙ୍କ ନିକଟରେ ସେଇ ପ୍ରାର୍ଥନା, "ପ୍ରଭୁ, କରୁଣା କର । ମଙ୍ଗଳ କର । ଆଶୀର୍ବାଦ କର । ତୁମ ପାଇଁ ଖୁବ୍ ଶୀଘ୍ର ବର୍ଷେ, ଦୁଇବର୍ଷ ମଧ୍ୟରେ ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଇବାର ବ୍ୟବସ୍ଥା ତୁମେ କର ।"




EXIT






EXIT






EXIT

## ଭଜମନ ପଙ୍କଜ ତୋଳା
## ବଇଷ୍ଣବ  ଦାସ



ଭଜମନ ପଙ୍କଜ ତୋଳା
ଭାବଗାହ୍ୀ ଭକ୍ତ ଭାବରେ ଭୋଳା ।ପଦ।
ଭବାର୍ଣ୍ଣବ ଭୀମ ଲହଡି, ଭେଳାଭେଳା ଆସୁଛି ମାଡି
ଭାସି ଯିବଟି ତହିଁରେ ପଡିଲେ, ଭାଜିଯିବ ତୋର ଭବର ଖେଳା ।୧।
ଭୁଲନା ଏ ବିଷୟା ବିଷେ, ଭାଗୀ ନୁହ ଦାରୁଣ କ୍ଲେଶେ
ଭାନୁଜ ଦଣ୍ଡକୁ ସାବଧାନ ହୁଅ, ଭୟ ନାଶନକୁ କର ଶାଙ୍ଖୋଳା ।୨।
ଭକ୍ତିପଥେ ହୁଅ ଭିକାରୀ, ଭକ୍ତି ମୁକ୍ତି ଦାତା ଶ୍ରୀହରି
ଭୁଜତଳେ ତୋତେ ଆଶ୍ରୟ ଦେବଟି ଭୁଜଙ୍ଗ ଦଳନ କାଳିଆ କେଳା ।୩।
ଭଣ୍ଡବୁଦ୍ଧି ଛାଡି ଏଣିକି, ଭାବେ ଚିନ୍ତ ଚିନ୍ତାମଣିକି
ଭଙ୍ଗିଆ, ରଙ୍ଗିଆ, ଛବି ତ୍ରିରଙ୍ଗିଆ, ଗୋବତ୍ସ ସଙ୍ଗୀର ଯଶୁଦା ବଳା ।୪।
ଭାଷେ ବଇଷ୍ଣବ ଚରଣ, ଭାର ବୋଝ ନୁହଇ ନାମ
ଭବନେ ବା ବନେ ଯହିଁ ତହିଁ ଡାକ ତାହାଙ୍କୁ ନିଶ୍ଚୟ ନ କରି ହେଳା ।୫।

## ମନ ଭ୍ରମରାରେ, ଏ ଫୁଲରେ ନାହିଁ ବାସ
## ଗୋରେଖ ଦାସ

ମନ ଭ୍ରମରାରେ, ଏ ଫୁଲରେ ନାହିଁ ବାସ
କାହିଁପାଇଁ ତୁହି ବାଇ ହୋଇଅଛୁ ତହିଁ ପାଇବୁ କି ଯଶ ।ପଦ।
ଫୁଲ ମଲ୍ଲୀ ଚଂପା ଚହଟି ଗଲାଣି ବାସି ହୋଇଲାଣି ବାସ
ବାରବାର ତୋତେ ମନା କରୁଅଛି ପାଇବୁଟି ଅପଯଶ ।୧।
ପର୍ବତ ଶିଖରେ ପଦ୍ମ ଫୁଟିଅଛି ଲେଉଟି ରହିଛି ପୁଷ୍ପ
ଯେବେ ତୁ ପାଇବୁ ସେଠାବକୁ ଯିବୁ ନିଶ୍ଚିତେ ହୋଇବୁ ତୋଷ ।୨।
ସେଠାରୁ ତ୍ରିବେଣୀ ବହୁଛି ଉଜାଣି ତହିଁରେ ଖେଳୁଛି ହଂସ
ଅମୁହାଁ ଦେଉଳେ ଘଣ୍ଟ ବାଜୁଅଛି ନାହିଁ ରଜନୀ ଦିବସ ।୩।
ଅଣସୂତ୍ର ମାଳା ବାମକରେ ଧରି ଭଜୁ ଅଛନ୍ତି ମହେଶ
ମାଳା ହଜିଗଲେ ଭେଳା ବୁଡିଯିବ କହଇ ଗୋରେଖ ଦାସ ।୪।

# Upcoming Programs by JOGA

## Holi on March 14, 2020

Following the tradition for the last seventeen years, JOGA will celebrate Holi on Saturday, March 14, 2020 at Hindu Temple Auditorium. Please check Holi announcement page in this newsletter for details of the Holi program.

## Poetry Reading on April 11, 2020

The spring poetry reading event will take place on Saturday, April 11, 2020. Mahabisuba Sankranti is on April 13, Monday.

## Snanayatra on June 6, 2020

Snanajatra will be celebrated on Saturday, June 6, 2020. The actual Snana Purnima falls on June 5, 2020.

## Rathayatra on June 27, 2020

This year Rathayatra falls on June 23, 2020. JOGA will celebrate Rathayatra on Saturday, June 27, 2020.

# Completed Programs by JOGA in Fall/Winter 2019

### Chhapana Bhoga Offering and Mahamantra Chanting, December 15, 2019

On Sunday, December 15, 2019, JOGA annual ritual of *Chhapana-Bhoga* offering and *Mahamantra* chanting took place at Hindu Temple, Maryland. Both Odia and non-Odia devotees gathered to chant mahamantra and experience spiritual bliss.

Urmila Sahu coordinated the Chhapana Bhoga and Atasi Das coordinated Mahamantra chanting by scheduling different leads for fifteen-minute segments. Odia families in DC region were inspired to prepare more than 56 special bhoga items for Lord Jagannath.

The event was sponsored by

1. Jhilli and Pradyut Behera for their son's birthday
2. Sheila and Bhabani Das, VA
3. Ashutosh and Sharmistha Dutta, MD

Check pictures at

https://www.babru.com/Mantra/








BABA BALAKNATH JI









## Odia Poetry Reading (December 7, 2019)

The fall/winter poetry reading session of the year was held on Saturday, December 7th, 2019 at 4:00 PM at Bigyani and Naresh Das's residence in Dayton, Maryland. All the attendees had great time, great food and fun.



Sikhanda Satapathy conducted the program beautifully. We observed one-minute silence in honor of an Odia poet Barun Pani who passed away recently. Sikhanda Satapathy read a poem dedicated for Barun Pani. Several poetry lovers, Jayasmita Mishra, Sasmita Satapathy and Swapnalata Mishra attended the program through conference call.

The pictures are available at
https://www.babru.com/KabitaP19/
https://photos.app.goo.gl/5dQJj3qEiDCTobVQ8

There were varieties of food. After the poetry reading everybody enjoyed the food and the interaction. Local writers Sulochana Pattnaik, Shashadhar Mohapatra, Babru Samal, Bigyani Das, Sikhanda Satapathy shared their own poems. Binod Nayak read poem written by his father Laxmidhar Nayak. Atasi Das read a poem by Bhaktacharan Das. Devraj Sahu read a poem “Urbasira Chithi” by Bibhudutta Mishra. Joy Gopal Mohanty read a poem “Akhite Emiti” by Padmabhusana Nayak.

Among the new writers and readers, Nrusingha Bswal and Arati Rani Panda read their own poems. Their son Ayan read a poem about his experience in Puri. Rakhi Panda also wrote the poem for the first time and shared with everybody.

Dr Krutibas Nayak who was visiting his son read very interesting poems and made everybody laugh. Samikhya Nayak and Sreeya Nayak, his granddaughters sang a poem “Swabhimana” with very fluent Odia pronunciation. He re-released the short story collection “Manile Debata” by Bigyani Das.

Naresh Das and Ajit Das briefed on the temple status. Temple got approval for starting the operation process even though for building permission it might go through formal review by the county. Details of the poetry reading event are presented in “Unmochana” section.






# [Monthly Bhajan Program News:]

Bhajan program for the month of November was held on November 16, 2019. The program was sponsored by the following families.

1. Jay Gopal and Sulochana Mohanty, MD in memory of their parents
2. Debaki and Anjana Chowdhury, MD for their son Debanjan's birthday and in memory of their father
3. Ajay and Neeta Mohanty, VA in honor of their parents
4. Bhakta Rath in memory of his wife






During the month of December chhapana bhoga offering and Mahamantra chanting took place. This report is presented in the above section.

In 2020, the January month's bhajan program was held on January 18, 2020. Irrespective of the cold weather, our January month bhajan program was well attended. Thanks to all who sang bhajan and prepared bhoga.

We thank following sponsors for sponsoring January month bhajan program.

1. Debaki and Anjana Chowdhury for their daughter Debanshi's birthday
2. Bigyani and Naresh Das in memory of their parents




February month's bhajan program was held on February 15, 2020. Ajit and Sobhana Das, MD sponsored the program.





## Poems/Stories/Essays

# ଭଗବାନ କିଏ -୪

ସୁଲୋଚନା ପଟ୍ଟନାୟକ, ଏଲକ୍ରିଜ, ମେରୀଲାଣ୍ଡ୍

ଅନେକ ବର୍ଷ ବିତିଗଲାଣି । ଜୀବନର ଶେଷ ଭାଗରେ ପହଞ୍ଚିଗଲିଣି । ତଥାପି ଆହୁରି କିଛି କରିବାକୁ ବାକି ରହିଛି । ଆଉ କିଛି କରିବାର ଆଶା ରହିଛି । ଯାହା କିଛି ହେଉଛି ବା ଯାହା କିଛି ହେବାର ଅଛି, ତା' ତ ହେବ ନିଶ୍ଚୟ । କିନ୍ତୁ ନିଜର ଚେଷ୍ଟା ବଳରେ କିଛି ଅଧିକା ମଧ୍ୟ ହୋଇପାରେ, ତାହା ମୋର ସ୍ୱପ୍ନ ବାହାରେ । ଯଦି ସେଭଳି କିଛି ହୋଇପାରେ, ଯଦି କିଛି ସ୍ୱପ୍ନ ସାକାର ହୁଏ, ସେତେବେଳେ ସ୍ୱପ୍ନକୁ ସାର୍ଥକ କରିବାରେ ସାହାଯ୍ୟ କରିଥିବା ବ୍ୟକ୍ତିକୁ ଧନ୍ୟବାଦ ଦେବାକୁ ହୁଏ । ତେବେ ସେ ମଣିଷଟି କିଏ ଏବଂ ତା'ର ସାହାଯ୍ୟ କରିବାର କାରଣ କ'ଣ ହୋଇପାରେ ? କାହା ଦ୍ୱାରା ସିଏ ପ୍ରେରିତ ? ଏ ଭଳି ଅନେକ ପ୍ରଶ୍ନ ମନକୁ ଆସେ । ଯଦି ସମସ୍ତ ପ୍ରଶ୍ନର ଉତ୍ତର ମିଳେ ନାହିଁ, ତେବେ ସେତେବେଳେ ମନେ ହୁଏ, ସମୟ ବେଳେ ସାହାଯ୍ୟ କରିବା ହୁଏତ ଭଗବାନଙ୍କର ବରାଦ । ତେବେ ଭଗବାନ କିଏ ? କିଏ ସେହି ଅଦୃଶ୍ୟ ଶକ୍ତି ? କାହିଁକି ସିଏ ସମୟବେଳେ ସାହାଯ୍ୟ କରନ୍ତି ? ସଂସାରର ଅନେକ ଲୋକ ଏକ ସମୟରେ ସାହାଯ୍ୟ ଲୋଡିଥାଇ ପାରନ୍ତି । ତେବେ ସିଏ କ'ଣ ସମସ୍ତଙ୍କ ପାଖକୁ ଯାଇ ଥାଆନ୍ତି ? ଯଦି ଯାଉ ନାହାନ୍ତି ତେବେ କାହିଁକି ଯାଉ ନାହାନ୍ତି ? ଏ ସବୁକୁ ଭାଗ୍ୟ ବୋଲି ଗଣିବାକୁ ହେବ । ପୁଣି ଏ ଭାଗ୍ୟ କାହା ଦ୍ୱାରା ନିୟନ୍ତ୍ରିତ ? ପୁଣି ଏକ ପ୍ରଶ୍ନ । ଏବଂ ହୁଏତ ଏକ ଅକୁହା ଉତ୍ତର ତା ପଛରେ ଜଡିତ ଅଛି ।

ମନୁଷ୍ୟ, ସମାଜ, ଜୀବଜଗତ ଏବଂ ବୃକ୍ଷଲତା ସମସ୍ତେ ଏହି ବିଶାଳ ଧରିତ୍ରୀ ମଧ୍ୟରେ ଜନ୍ମମୃତ୍ୟୁର ଚକ୍ରବ୍ୟୂହରେ ଘୂରୁଛନ୍ତି । ଯିଏ ଜନ୍ମ ହେଉଛି, ତା'କୁ ଦିନେ ନା ଦିନେ ଯିବାକୁ ହେବ । ସେ ଯଦି ଏଇ ଚକ୍ରବ୍ୟୂହରୁ ବାହାରି ଯାଏ, ତେବେ ହୁଏତ ତା'କୁ ଆଉ ଧରିତ୍ରୀକୁ ଫେରିବାକୁ ପଡିବ ନାହିଁ । ସେତେବେଳେ, ଲୋକେ କୁହନ୍ତି, 'ସିଏ ସ୍ୱର୍ଗକୁ ଗଲେ' । ପୁଣି ପ୍ରଶ୍ନ ଆସେ ସ୍ୱର୍ଗ କ'ଣ ? ଏକ ଅଦେଖା ଜଗତ, ଏକ ବିଶ୍ଲେଷଣହୀନ ପରିବେଶ । ସେ ବିଷୟରେ ଆମେ ଅନେକ ଶୁଣିଥାଉ । କଥାରୁ କଥା ହୋଇ ଅନେକ ପ୍ରକାରର ଧାରଣା କରିଥାଉ ।

ଏବେ ଆମର ପ୍ରଧାନ ପ୍ରଶ୍ନକୁ ଆସିବା । ପ୍ରଶ୍ନ ହେଉଛି, ଭଗବାନ କିଏ ? ଆମର ବିଶ୍ୱାସ, ଭଗବାନ ହେଉଛନ୍ତି ସୃଷ୍ଟିକର୍ତ୍ତା । ଜୀବ ଜଗତକୁ ଗଢିବା ଓ ଭାଙ୍ଗିବା ତାଙ୍କର କାମ । ନିର୍ଦ୍ଧାରିତ ସମୟରେ ସିଏ କାହାକୁ ଏ ଜଗତକୁ ଆଣନ୍ତି ଏବଂ ନିର୍ଦ୍ଦିଷ୍ଟ ବେଳାରେ ତାକୁହିଁ ଧରା ଧୂଳିରେ ପୁଣି ମିଶାଇ ଦିଅନ୍ତି । କେହି ରହି ପାରନ୍ତି ନାହିଁ । ସେଇ ମୂହୁର୍ତ୍ତଟି ସମସ୍ତଙ୍କର ଅକ୍ତିଆର ବାହାରେ । ତେତିଶ କୋଟି ଦେବ ଦେବତାଙ୍କୁ ପୂଜା କଲେ ମଧ୍ୟ କେହି କିଛି କରି ପାରନ୍ତି ନାହିଁ । ଭଗବାନ ନୀରବ ହୋଇ ରହି ଯାଆନ୍ତି । ଭଗବାନ କିଏ, କ'ଣ ତାଙ୍କର ଉଦ୍ଦେଶ୍ୟ କିଏ କହିବ ?



## **ମଙ୍ଗଳମୟ, ମଙ୍ଗଳକର, ମଙ୍ଗଳ କର ହେ**

ବିଜ୍ଞାନୀ ଦାସ, ଜେଟନ୍, ମେରୀଲାଣ୍ଡ୍

ମଙ୍ଗଳମୟ, ମଙ୍ଗଳକର, ମଙ୍ଗଳ କର ହେ
ଏ ଧରାଭୂବନେ, ଆନନ୍ଦ ଭର, ଆନନ୍ଦ ଭର ହେ ।

ଏ ସର୍ବ ଜଗତ ତୁମରି ସର୍ଜନା
ସୂର୍ଯ୍ୟଚନ୍ଦ୍ର, ତାରା ତୁମରି ରଚନା
ଗଛ, ଫୁଲ, ଫଳ, ନଦୀ, ଗିରିବନ
ଜୀବଜନ୍ତୁ ସହ ମାନବ ଜୀବନ
ଜୀବନ, ମରଣ, ତୁମରି ଭିଆଣ
ତୁମେ ସଭିଙ୍କ ଈଶ୍ୱର ହେ ।୧।

ତୁମରି ଇଚ୍ଛାରେ ଚଳେ ଏ ଜଗତ
କେବେ ରୌଦ୍ରତାପ କେବେ ଗାଢଶୀତ
ମହୋଦଧି କୂଳ ଅନୁପମ ରୂପ
କେବେ ପୁଣି ଝଡ ଦେଖାଏ ପ୍ରକୋପ
ସ୍ତବ୍ଧ ଜୀବନ, ଭୟଭୀତ ମନ
ସତେ ସମସ୍ତ ଅସାର ହେ ।୨।

ହସିତ ଦୁନିଆଁ ଭୟ ବିଜଡିତ
ନୂତନ ଜୀବାଣୁ, କରେ ମନ ତ୍ରସ୍ତ
ସତେ ଏ ଜୀବନ, ଅଳିକ ଏମନ୍ତ
କ୍ଷଣକରେ ପ୍ରାଣ ହୋଇଯିବ ଅନ୍ତ
ତୁମେ ଏକା ସାହା, ପ୍ରଭୁ ଚଉବାହା
ଶରଣ ତୁମ ପୟର ହେ ।୩।

ତୁମେ ଯେବେ ଥିବ, ସାହା ହୋଇ ଆମ
ନ ଛୁଇଁବ କେବେ ଯାତନା, କଷଣ
ପାରିବନି ଛୁଇଁ, ରୋଗ, ଶୋକ, ଭୟ
ତୁମ ପାଦ ଆମ ନିର୍ଭୟ ଆଶ୍ରୟ
ଚିର ସାହା ଆମ, ମହାପ୍ରଭୁ ତୁମ
ଅମୃତ ଆଶୀଷ ଝର ହେ ।୪।

## Talent Search Scholarship for 2019 in Odisha

Like every year, JOGA conducted talent search examination for high school students in Bhadrak district, Odisha, India. The scholarships were presented to the winning students at a formal function on January 21st, 2020 in Sahada.




***Bhajan Program sponsors:*** We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Debaki Nandan and Anjana Chowdhury, MD
Naresh and Bigyani Das, MD
Ajit and Sobhana Das, MD
Ajaya and Neeta Mohanty, VA
Ashutosh and Sarmistha Dutta, MD
Bhakta Rath, VA
Bhabani and Sheila Das, VA
Pradyot and Jhili Behera, VA
Anonymous Donor, MD
Joy Gopal and Sulochana Mohanty, MD

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt, Sharmaji and Pandit Natubhai Dave have been very resourceful.
Sponsors list for Deity prana pratistha puja

# Sponsor List for Deity Prana Pratistha Puja

Saroj Behera
Anup Baksi
Prasanna Samal
Manoj Panda
Tapas Panda
Shashadhar Mohapatra
Naresh Das
Debasis Das
Debashis Jena
Ripon and Sthiti Samant
Laxmikanta Dash
Sudip Patnaik
Babita Nayak(Insurance system)
Ashutosh Dutta
Ashis Pal
Ajit Sahu
Subrat Mohanty
Annapurna Biswal
Sujata Nayak
Dilip Patnaik
Prafulla Nayak
Pradyot Behera
Anuradha Mohanty
Priti Rekha Pattanaik
Chandan Pratihari
Sanat Parranaik
GatiKrushna Tripathy
Prakash sahu
Mitali Senapati
Debanand Das
Brajandra Panda
Bhudeep Patnaik
Rajanikant Rath
Nrusingha Mishra
Gyana Ranjan Bohidar
Geetarani Mohanty
Maushumi Pattanayak
Bijay Dash
Bijay Dash
Bidyashree Parhi
Bhabani Das
Parameeta Kanungo
Prachi Mishra
Bikash Mishra
Partha Panda
Shivashis Hota
Balakrishna Dixit
Brahmapriya Sen
Little Sarangi
Annonymous
Annonymous
Sudhir and Reema Raju
Kundala Das
Sujit Das
Ajit and Subhra Pattanaik
Santanu and Jhinu Chhotray
Sikhanda and Tina Satpathy
Jayakumar and M Satpathy
Hemant and Priti Biswal

Total Income: $12730.00

Expenses –
Puja related materials/priest - $4121
Food - $1785
Temple maintenance/improvement (driveway) - $6171
Total - $12077

# TWENTY-SECOND HOLI FESTIVAL

***Organized by***
**Jagannatha Organization for Global Awareness (JOGA)**
***www.jogaworld.org***
***obhajan@yahoo.com/jogaevents@gmail.com***

**Date: March 14, 2020**
**Time: Saturday, 4:00 PM - 9:30 PM**
**Place: Hindu Temple Auditorium, 10001 Riggs Road, Adelphi, 20783**




**Program:**
4:00-5:00 PM: Set Up and Registration
4:45-5:15 PM: Arati & Abira Khela
5:15-5:50 PM: Snacks
6:00-8:30 PM: Cultural Program
8:30-9:30 PM: Mahaprasad & Cleanup

***Special Presentations:***
***Chitrahar: Life is nothing without Romance***
***JOGA Odia Pratibha Show***
***Haladhar Nag Songs: A Special Talent***
***Tribute: Sunanda Pattnaik***
***Drama: Aga, Baga, Khaga***

Contacts:
Joy Gopal Mohanty (410) 796-0608
Brahmapriya Sen (410) 531 1943
Bigyani Das (410) 531-7445
Meera Mohapatra (301) 879 8188
Hemant Biswal (703) 793 2632
Bandita Mishra (301) 540-4641
Arun Ojha (240) 715 1704
Debaki Nandan Chowdhury (301) 528-1919

***Donations:*** *Family-$35, Single-$20*
**Sponsorship:**
**Balabhadra Sponsor - $200.00**
**Subhadra Sponsor - $150.00**
**Jagannath Sponsor - $100.00**
Children Prize Sponsor - $250.00
**(All donations are tax deductible)**

**Coordinators:**

**Prasada:**
**JOGA Annapurna Group**

**Cultural:**
Maushumi Pattanayak - maushumi_p@hotmail.com
Sikha Sen - aryasys@yahoo.com
Nirlipta Das Chaudhury - 2nirlipta@gmail.com
Deepa Parija - deeparija@gmail.com

**Direction to the temple:** From I-95/I-495 CAPITAL BELTWAY, take New Hampshire Ave. exit, exit number 29A, towards Wheaton. Right turn to Powder Mill Rd at 3rd traffic light, Right turn to Riggs Rd, temple on your left before the bridge.






## ଯୋଗ ଶାରଦୀୟ ଓଡିଆ କବିତା ପାଠ ସମାରୋହ

ବିଜ୍ଞାନୀ ଦାସ

ଡିସେମ୍ବର ୭ ତାରିଖର ସୁନ୍ଦର ଅପରାହ୍ନ । ଯଦିଓ ଏ ସମୟରେ ପ୍ରବଳ ଶୀତ କିମ୍ବା ବରଫପାତ ରହିବା କଥା, ତେବେ ଯୁକ୍ତରାଷ୍ଟ୍ର ଦେଶର ମେରୀଲାଣ୍ଡ୍ ରାଜ୍ୟରେ ସତେକି ପ୍ରକୃତି ତା ନିୟମ ବଦଳାଇଦେଇଥିଲା । ଡେଟନ୍ ସହରର ନରେଶ ଓ ବିଜ୍ଞାନୀ ଦାସଙ୍କ ବାସଭବନରେ କୋଡିଏ-ତିରିଶିଟି ଓଡିଆ ପରିବାର ଏକତ୍ରିତ ହୋଇଥିଲେ କବିତାପାଠ କରିବା ପାଇଁ ଓ ତା' ସହିତ ଆସୁଥିବା କ୍ରିଷ୍ଟ୍ମାସ୍ ପର୍ବ ପାଇଁ ଜମିଆସୁଥିବା ଛୁଟିଦିନର ମଜା ନେବା ପାଇଁ । ପ୍ରଥମେ ଆଗନ୍ତୁକ ମାନେ ଓଡିଆ ଜଳଖିଆ ଦ୍ୱାରା ଆପ୍ୟାୟିତ ହୋଇ କବିତାପାଠ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।

ଏ ଦିନର ସମାରୋହଟିକୁ ପରିଚାଳନା କରିଥିଲେ କବି ଶୀଖଣ୍ଡ ଶତପଥୀ । ସିଏ ପ୍ରଥମେ ସମସ୍ତଙ୍କୁ ପ୍ରାଥମିକ ସମ୍ବୋଧନ କରିସାରିବା ପରେ କବି ବରୁଣ ପାଣିଙ୍କ ପାଇଁ ଏକ ମିନିଟ୍ର ନୀରବ ପ୍ରାର୍ଥନା କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ପ୍ରଥମ କାର୍ଯ୍ୟକ୍ରମ ଥିଲା ଉତ୍କଳ ବନ୍ଦନା "ସର୍ବେଷାମ୍ ମମ ଜନନୀ" । ଏ ଗୀତଟିକୁ ଗାଇଥିଲେ ଅତସୀ ଦାସ ଓ ରାକ୍ଷୀ ପଣ୍ଡା ।

ଶୀଖଣ୍ଡ ଶତପଥୀ କବି ବରୁଣ ପାଣିଙ୍କର ପାନ୍ଥଶାଳା କବିତାଟି ପଢି ସମସ୍ତଙ୍କୁ ତାଙ୍କ ସହିତ ପରିଚିତ କରାଇଲେ । ତାପରେ ସୁଲୋଚନା ପଟ୍ଟନାୟକ ତାଙ୍କ କବିତା "ବିଶ୍ଳେଷଣ" ପଢିଥିଲେ । ଏ କବିତାଟି ଜୀବନ ଦର୍ଶନ ଉପରେ ଆଧାରିତ ଥିଲା । ପରବର୍ତ୍ତୀ କବିତା "ସମୟର ହାତ" ପଢିଲେ ବିଜ୍ଞାନୀ ଦାସ । ଏ କବିତାଟି ସେ ସମୟରେ ହାଇଦାବାଦରେ ଘଟିଥିବା ନାରୀ ନିର୍ଯ୍ୟାତନାକୁ ନେଇ ଲେଖା ହୋଇଥିଲା । ଶଶଧର ମହାପାତ୍ର ପଢିଲେ ଦୁଇଟି କବିତା, "ହଜିଲା ସ୍ମୃତି" ଓ "କାହିଁଗଲ ମୌସୁମୀ" । ସିଏ ତାଙ୍କ ପ୍ରକାଶ ଅପେକ୍ଷାରେ ଥିବା ଗଳ୍ପ ସଂକଳନ ବିଷୟରେ ସମସ୍ତଙ୍କୁ ଜଣାଇଲେ । ବବୁ ସାମଲ ମାୟାଧର ମାନସିଂହଙ୍କର ଧୂପ କବିତା

ସଂକଳନରୁ ଗୋଟିଏ କବିତା "ଗୋପନ କଥା" ପଢିଲେ । ବିନୋଦ ନାୟକ ପଢିଲେ ତାଙ୍କ ପିତା ଲକ୍ଷ୍ମୀଧର ନାୟକଙ୍କର ଏକ କବିତା "ଏଇ ସଂସାର ଛାଡିବାକୁ ହେବ ।"

ଏହା ପରେ ଜୟଗୋପାଳ ମହାନ୍ତି ଇଣ୍ଟରନେଟ୍‌ରୁ ପାଇଥିବା ଏକ କବିତା "ଆଖିଟେ ଏମିତି" ପଢିଥିଲେ । ଏ କବିତାଟି ରଚନା କରିଥିଲେ ଶ୍ରୀ ପଦ୍ମଭୂଷଣ ନାୟକ । ଏହାପରେ ସୁଲୋଚନା ପଟ୍ଟନାୟକ କବିତା ଲେଖା ଉପରେ କିଛିଟା ଟିପ୍ପଣୀ ଦେଇଥିଲେ । ପିଲାମାନଙ୍କ ମଧ୍ୟରେ କବିତା ପାଠ କରିଥିଲେ "ଆୟାନ୍ ବିଶ୍ୱାଳ" । ସିଏ ତାଙ୍କ ପୁରୀ ଭ୍ରମଣ ବିଷୟରେ ଓଡିଆରେ କବିତାଟିଏ ଲେଖିଥିଲେ । ଆରତୀ ରାଣୀ ବିଶ୍ୱାଳ ପଢିଥିଲେ କବିତା "ମୋ ଜଗନ୍ନାଥ" ଓ ନୃସିଂହ ବିଶ୍ୱାଳ ପଢିଥିଲେ କବିତା, "କେବଳ ତୁମେ" ।

ରାକ୍ଷୀ ପଣ୍ଡା ପଢିଥିଲେ କବିତା, "ନାରୀ ତୁ ସେ ପଥର ପଥିକ" ।

ଦେବରାଜ ସାହୁ ବିଭୁଦତ୍ତ ମିଶ୍ରଙ୍କର କବିତା "ଉର୍ବଶୀର ଚିଠି" ପଢିଥିଲେ । ଶେଷରେ କବିତା "ନିରୁଦ୍ଦିଷ୍ଟ" ଓ "ବରୁଣ ସ୍ମରଣେ" ପଢି ଶୀଖଣ୍ଡ ଶତପଥୀ କବିତାପାଠର ଶେଷ ଘୋଷଣା କରିଥିଲେ ।

ତେବେ ଏ ସମୟରେ ପହଞ୍ଚିଥିଲେ ଡକ୍‌ଟର୍ କୃତ୍ତିବାସ ନାୟକ। ତେଣୁ କବିତାପାଠ କାର୍ଯ୍ୟକ୍ରମ ପୁନଶ୍ଚ ଜାରି ରହିଲା । କୃତ୍ତିବାସ ନାୟକ କେତୋଟି ହାସ୍ୟରସାତ୍ମକ କବିତା "ଦେବାରେ ଆନନ୍ଦ", "ଗୁଲୁଗୁଲା, ରସଗୋଲା", "ବିବାହ" ଇତ୍ୟାଦି ପଢି ସମସ୍ତଙ୍କ ମନୋରଞ୍ଜନ କରିଥିଲେ । ତାପରେ ତାଙ୍କର ନାତୁଣୀ ଦୁଇଜଣ ସମୀକ୍ଷା ଓ ଶ୍ରିୟା ଗୀତ ଆକାରରେ ଶୁଣାଇଥିଲେ କବିତା "ସ୍ୱାଭିମାନ" । ଅତସୀ ଦାସ ତାପରେ ଭକ୍ତଚରଣ ଦାସଙ୍କର "କଳାକଳେବର ଚଉତିଶା"ରୁ କିଛି ପଦ ଶୁଣାଇଥିଲେ ।

କବିତାପାଠରେ ପଠିତ କେତୋଟି କବିତା, ଯେଉଁଗୁଡିକର ଲିପି ଆମକୁ ମିଳିଥିଲା, ସେଗୁଡିକ ଆମେ ନିମ୍ନରେ ପ୍ରକାଶ କରୁଛୁ ।

ଉପରୋକ୍ତ କବିତା ପାଠୋତ୍ସବ କାର୍ଯ୍ୟକ୍ରମଟି ମେରୀଲାଣ୍ଡ୍‌ର ଯୋଗ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଥିଲା । ବର୍ଷରେ ଦୁଇଥର, ଥରେ ବସନ୍ତରେ ଓ ଥରେ ଶରତରେ ଏ କବିତାପାଠ କାର୍ଯ୍ୟକ୍ରମ ଗତ ଆଠ ବର୍ଷ ଧରି ଯୋଗ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଆସୁଛି ।

କବିତାପାଠ ଶେଷରେ ଡକ୍‌ଟର୍ ନରେଶ ଦାସ ସମସ୍ତଙ୍କୁ ଯୋଗର ଜଗନ୍ନାଥ ମନ୍ଦିର ସମ୍ବନ୍ଧୀୟ ବର୍ତ୍ତମାନର ସ୍ଥିତି ସମ୍ବନ୍ଧରେ ସୂଚନା ଦେଇଥିଲେ । ଭଲ ଖବର ଥିଲା । ମନ୍ଦିରକୁ କାର୍ଯ୍ୟକ୍ରମ କରିବା ପାଇଁ ସ୍ୱୀକୃତି ମିଳିଥିଲା ।

ରାତଭୋଜନ ପାଇଁ ପ୍ରସ୍ତୁତ ହୋଇ ରହିଥିଲା ନାନା ସୁସ୍ୱାଦୁ ଖାଦ୍ୟ ସମସ୍ତ । କବିତା ପାଠୋତ୍ସବରେ ଭାଗ ନେଇଥିବା ସମସ୍ତ ଓଡିଆ ପରିବାର ଯତ୍ନର ସହିତ ପ୍ରସ୍ତୁତ କରିଥିଲେ ପୋଟଳ ତରକାରୀ, ଫୁଲକୋବି ମଞ୍ଚୁରିଆନ୍, ଭେଣ୍ଡି, ବନ୍ଧାକୋବି, ଦହି ବାଇଗଣ, ରସଗୋଲା କେତେସବୁ ବ୍ୟଞ୍ଜନ ।

ସମସ୍ତେ ଅତି ମନଖୁସିରେ ଖାଇପିଇ, ମନଇଚ୍ଛା ଗପକରି, ପରସ୍ପରକୁ ସ୍ନେହଦାନ କରି ବିଦାୟ ନେଇଥିଲେ ।

କବିତାପାଠର ସ୍ମୃତି ସାଇତି ରଖିବାକୁ କ୍ୟାମେରାରେ ଫଟୋ ନେଇଥିଲେ ଡକ୍‌ଟର୍ ବବ୍ରୁ ସାମଲ । ସେସବୁ ଫଟୋ ଆପଣମାନେ ଦେଖିପାରିବେ ନିମ୍ନରେ ଦିଆଯାଇଥିବା ତାଙ୍କ ୱେବ୍‌ପେଜ୍‌ରେ
**https://www.babru.com/KabitaP19**




| | | |
|---|---|---|
| ହଜିଲା ସ୍ମୃତି | ଶଶଧର ମହାପାତ୍ର | 19 |
| କାହିଁଗଲ ମୌସୁମୀ? | ଶଶଧର ମହାପାତ୍ର | 20 |
| ଗୋପନ କଥା (ମାୟାଧର ମାନସିଂହ) | ବବ୍ରୁ ସାମଲ | 21 |
| ସମୟର ହାତ | ବିଜ୍ଞାନୀ ଦାସ | 22 |
| ଏଇ ସଂସାର ଛାଡିବାକୁ ହେବ (ଲକ୍ଷ୍ମୀଧର ନାୟକ) | ବିନୋଦ ନାୟକ | 23 |
| ନାରୀ ତୁ ସେ ପଥର ପଥିକ | ରାକ୍ଷୀ ପଣ୍ଡା | 24 |
| ବିଶ୍ଳେଷଣ | ସୁଲୋଚନା ପଟ୍ଟନାୟକ | 25 |
| ବରୁଣ ସ୍ମରଣେ | ଶୀଖଣ୍ଡ ଶତପଥୀ | 26 |
| ନିରୁଦ୍ଦିଷ୍ଟ | ଶୀଖଣ୍ଡ ଶତପଥୀ | 27 |
| ବିବାହ | କୃତ୍ତିବାସ ନାୟକ | 28 |



# ହଜିଲା ସ୍ମୃତି

**ଶଶଧର ମହାପାତ୍ର, ମେରୀଲାଣ୍ଡ**

ସ୍ମୃତି
କାଲି ଚିହ୍ନାଥିଲା,
ଆଜି ଭୁଲିଗଲା
ଭଲ ଲାଗୁଥିଲା
ଆଜି ଡାକୁଛି ମୋତେ ଯେମିତି
ତା'ପାଇଁ କାନ୍ଦୁଛି ମୁଁ ନିତି ନିତି

ସ୍ମୃତି
କେବେ ଅନ୍ତରଙ୍ଗ ଥିଲା ମୋ'ର
କେବେ ଆଣେ ଦାଗ ବିରହର
କହେ କଥା କେତେ ଆବେଗର
ସ୍ୱପ୍ନ ଆଣେ ଅସରନ୍ତି
ତା'ପାଇଁ ଚେଇଁଥାଏ ଅଧାରାତି

ସ୍ମୃତି
କେବେ ମିଠାମିଠା, କେବେ ଖଟାଖଟା
କେବେ ତିର୍ଯ୍ୟକ ଦୃଷ୍ଟିଭଙ୍ଗୀଟିଏ
କେବେ ସୁଖ ଦୁଃଖ ଭରା ଗଳ୍ପଟିଏ
ତାକୁ ଗୁହାରି କରୁଛି ନିତି
ଝୁରୁଛି ମୁଁ ତାକୁ ନିତି

ସ୍ମୃତି
ଏକ ଲିଭିଯିବା ପାଦଚିହ୍ନ
କେବେ ଅବୁଝା ଏକ ମନ
କେବେ ବୃନ୍ତଚ୍ୟୁତ ଏକ ଫୁଲଟିଏ
କେବେ ଥାଏ ବାସ୍ନା, କେବେ ବାସ୍ନାହୀନ
ଭୁଲିପାରେନା ସେ' ଅନୁଭୂତି
ଲୁଚକାଳି ଖେଳେ ନିତି

ସ୍ମୃତି
କେବେ ସରସ, ସୁନ୍ଦର ସ୍ୱପ୍ନଟିଏ
କେବେ ନୀଡ ହରା ଏକ ପକ୍ଷୀଟିଏ
କେବେ ପଥହରା ଏକ ପାଛଟିଏ
କେବେ ଦେଖାଦିଏ, କେବେ ହଜିଯାଏ
କେବେ ମୁ'ଭରା ଜହ୍ନରାତି
କେବେ ତିକ୍ତ ସେ' ଅନୁଭୂତି

ସ୍ମୃତି
କେତେବେଳେ ହୁଡେ ବାଟ
ଏବାଟେ ସେବାଟେ ବୁଲେଇ ବଙ୍କେଇ
ପହଞ୍ଚାଇ ଦିଏ ଘାଟ
କେବେ ହସାଏ ତ
କେବେ କନ୍ଦାଏ ନିତିନିତି
ତାକୁ ରଖିଛି ସେମିତି ସାଇତି

# କାହିଁଗଲ ମୌସୁମୀ ?

**ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍,**
**ମେରୀଲ୍ୟାଣ୍ଡ**

ମୌସୁମୀ ଗୋ ତୁମେ ଆସିବ ଆସିବ
କହି କରିଦେଲ ଡେରି
ସାରା ଓଡିଶାବାସୀ ଚାହିଁଛନ୍ତି
ମରୁଛନ୍ତି ଝୁରିଝୁରି

ଦୁବ ଘାସଟିଏ କଅଁଳୁନି ପରା
ତୁମ ଆଗମନ ବିନା
କିଏକି ତୁମ ଜୀବନରେ ଆସି
କରିଦେଲା ଆନମନା

ଝାଉଁଳି ଗଲାଣି ସବୁ ଗଛ, ଲତା
ଝାଉଁଳି ପଡିଛି ମୁହଁ
ବଇଶାଖୀ ଝାଞ୍ଜି କାଢି ଲାଲ୍ ଆଖି
କହୁଛି ମୋ' ଆଡେ ଚାହଁ

ଭରିଦିଅ ଯେତେ ନଈ, ନାଳ ଅଛି
ଚଷାପୁଅ ହେଉ ଖୁସି
ବଗଲା, ବଗୁଲୀ ନଈକୂଳେ ବସି
ମାଛ ଖାଉଥାଉ ହସି

ତୁମେ ଯେବେ ଆସ ଆଣ କେତେ ଆଶା
ସବୁଜିମା ଧାନକ୍ଷେତ
ସବୁରି ମୁହଁରେ ଫୁଟା କେତେ ହସ
ଫଟା ଓଠଟିରେ ଗୀତ/ ଗେଣ୍ଡାଳିଆ ଗାଏ
ଗୀତ

ତୁମପାଇଁ ପରା ସାଇତି ରଖିଛି
କାଗଜରେ ଗଢା ନାଆ
ଲେଖିଛି ସେଥିରେ କେତେ ସରାଗରେ
ତୁମ ନାଁ, ମୋ' ନାଁ

ତୁମ ଆଗମନେ ହେଇଯାଉ ଆଜି
ନୂତନ ଅଧ୍ୟାୟ ସୃଷ୍ଟି
ତୁମକୁ ଦେଖିଲେ ଜନତା ଖୁସିରେ
କରିଦେବେ ପୁଷ୍ପବୃଷ୍ଟି

ପାଣିପାଗ ବାଲା କି ଗଣନା କଲେ
କିଛି ହେଲାନାହିଁ ସତ
ଗଣନାରେ ନିଶ୍ଚେ ତ୍ରୁଟି ରହିଗଲା
ଜାଣିବାକୁ ଗତିପଥ

ପବନରେ ଝୁଲି ବରଷାରେ ଭିଜି
ଆସିଯାଅ ଶୀଘ୍ର ବୁଲି
ଚାଷୀକୂଳ ପରା ଚାହିଁ ବସିଛନ୍ତି
ଚାଷ କରିବେ ବୋଲି

ମୁଣ୍ଡରେ ହାତ ମାରି ବସିଛନ୍ତି
ଆମ ରାଜ୍ୟ ଚାଷୀ ଭାଇ
ତାଙ୍କ ଚିନ୍ତା ବଢି ଯାଇଛି ଦି'ଗୁଣ
ବଞ୍ଚିବେ କ'ଣ ଖାଇ ?

ଅଭିମାନ ଛାଡି ବିଜୁଳି ସାଥୀରେ
ଆଣ ତୁମ ଘଡ ଘଡି
ସାରା ରାଜ୍ୟବାସୀ ଖୁସି ମନାଇବେ
ଛାତୁଥିମେ ମହାରଡି

ତାଙ୍କ ନିଃଶ୍ୱାସରେ ଢାଳନାହିଁ ବିଷ
ଶୁଣ ଆହେ ପ୍ରିୟତମା
କୋଟିକୋଟି ପ୍ରାଣ ବରବାଦ ହେବ
ସେ' ଭୁଲ୍ କରନି ଜମା

ତୁମପାଇଁ ଆଜି ଲେଖନୀ ଧରିଛି
ଏ' କବିତା ପଢ ତୁମେ
ମନକଥା ପଦେ ଲେଖିଲି ତୁମକୁ
ପଡି ତୁମ ପ୍ରେମେ ଭ୍ରମେ

(ଏଥର ଓଡିଶାକୁ ମୌସୁମୀ ଆସିବା
ଡେରି କରିଦେଲା,
ଚାଷବାସ କାମ ଡେରିରେ ଆରମ୍ଭ
ହେଲା । ଏହାକୁ
ଆଧାର କରି ଏ' କବିତା)

# ଗୋପନ କଥା (ମାୟାଧର ମାନସିଂହ)

ବବ୍ରୁ ସାମଲ, ରକ୍‌ଭିଲ୍, ମେରୀଲାଣ୍ଡ୍



ନ କହିବାକୁ ଯାହା ତମେ ଗୋ ଥିଲ କହି
ତମର ମୋର ସବୁ ଘଟିଛି ଯାହା ସହି;
ପାରିନି କଥା ରଖି, କ୍ଷମିବ ମତେ ସଖି,
ମୋ ସାଥୀ-ଜନେ ରାଣି, ଦେଇଛି ତାହା କହି,
ନ କହିବାକୁ ଯାହା ତମେ ଗୋ ଥିଲ କହି ।

କେସନେ ଏତେ କଥା ଗୋପନେ ରଖି କହ
ଏତେକ ଗଉରବ, ନିବିଡ ଏ ପ୍ରଣୟ,
ରାଣୀର ଏ ଯେ ମାନ, ପ୍ରିୟାର ଏ ଯେ ଦାନ
କାହାକୁ ନ ଦେଖାଇ ରହିବା ଦୁରୁବହ
କେସନେ ଏତେ କଥା ଗୋପନେ ରଖି କହ ?

ଜୀବନେ ଯଦି କିଛି ଥାଏ ମୋ ଗଉରବ
ଶ୍ରେଷ୍ଠ ତହିଁ ରାଣୀ, ପ୍ରଣୟ-ଦାନ ତବ,
ତା' ଘେନି ଏ ଜଗତେ ଜାଣିବେ ଲୋକ ମତେ
ନ କହି ତା' କିପରି ରହିବି ମୁଁ ନୀରବ
ସେ ପରା ହେଲା ମୋର ଶ୍ରେଷ୍ଠ ଗଉରବ ।

କ୍ଷମିବ ସଖି ମୋର ଏକ ଏ ଅପରାଧ
କ୍ଷମିବ ଯଦି କିଛି ଘଟେ ଗୋ ପରମାଦ,
ସ୍କନ୍ଧେ ସହି ଭାର, ରଖ ତ ହେମ-ହାର
ସେପରି ଏ ଦୋଷୀରେ ଦେବ ଗୋ ପରସାଦ,
ତୁମରି ଗୁଣ ଗାଇ ସିନା ଏ ଅପରାଧ ।



# ସମୟର ହାତ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍

ସମୟର ହାତ ଏତେ ଦୀର୍ଘ ଓ ପ୍ରଶସ୍ତ
ମୋ ଚିନ୍ତା ଚିନ୍ତନ ଯେତେ କଲେ ବି ବିସ୍ତୃତ
ପାଏନି ମୁଁ ସୀମାରେଖା, ନିତି ହାରିଯାଏ
ହାରି ମଧ୍ୟ ସେଇ ଭୁଲ୍ ନିତି କରୁଥାଏ ।

କଣ ଚାହେଁ ମନ ପୁଣି କଣ ହୋଇଯାଏ
ଦେଖୁଦେଖୁ ସୂର୍ଯ୍ୟ ଲୁଚେ, ବର୍ଷା ଝରିଯାଏ
ମାଡିଆସେ କେଉଁଆଡୁ ଝଡ ଓ ବତାଶ
ଦେଖୁଦେଖୁ ଅବିଳମ୍ବେ ସବୁ ହୁଏ ଶେଷ ।

ଝିଅ ହୋଇ ଜନ୍ମ ହେବା ସତେ ଏତେ ପାପ
ମାତୃ ପୂଜା ଆଳ ଖାଲି, ଆଳ ଜପତପ
ଦୁର୍ଗା ପୂଜା, କାଳି ପୂଜା, ସବୁ ଦେଖାଣିଆ
ଭକ୍ତି କାହିଁ, ଶ୍ରଦ୍ଧା କାହିଁ, ମନ ଯେ ମଳିଆ ।

ଭାରତବର୍ଷର କନ୍ୟା ରହେ ଆତଙ୍କିତ
ଶିକ୍ଷାଦୀକ୍ଷା, ଗୁଣ ଜ୍ଞାନ, ଦେଖେନି କେହିତ
ଦେଖେ ଖାଲି ନାରୀ ସିଏ, କଣ୍ଢେଇ ସମାନ
ସେମିତି ଖେଳିବା, ଯାହା ଯେତେବେଳେ ମନ ।

ଇଚ୍ଛା ହେଲେ ଭାଙ୍ଗିଦେବା, ଦଳିବା ପାଦରେ
ଇଚ୍ଛାହେଲେ କାଟିଦେବା, ଫିଙ୍ଗିବା ନଦୀରେ
ଇଚ୍ଛାହେଲେ ଲୁଟିଦେବା ତା' ଇଜ୍ଜତ ମାନ
ଇଚ୍ଛାହେଲେ ଜାଳିଦେବା, ଯିବ ତାର ପ୍ରାଣ

ଭାବିଦେଲେ ଏସବୁ ମୋ ଦେହ ଯାଏ ତାତି
ଭାବେ ମୁହିଁ ପାଆନ୍ତି କି କିଛି ଦିବ୍ୟ ଶକ୍ତି
କଡାରୁ କଡା ଦଣ୍ଡ ମୁଁ ଦିଅନ୍ତି ପାପୀଙ୍କୁ
ଦୁନିଆ ଦେଖନ୍ତା ଆଖି ମେଲି ସେ ସବୁଙ୍କୁ ।

ସେଇ ଦୃଶ୍ୟ ମନେ ଭାବି ସର୍ବେ ଡରିଯାନ୍ତେ
ମନର କୁତ୍ସିତ ଭାବ ମନରେ ରଖନ୍ତେ
ପରିବାର, ପ୍ରିୟଜନ, କର୍ମେ ଦେଇ ଧ୍ୟାନ
ନାରୀକୁ ସମାନ ଭାବି ଦିଅନ୍ତେ ସମ୍ମାନ ।

ସତେ କି ଏ ଆଶା ମୋର ହୋଇବ ପୂରଣ
ଦିବ୍ୟ ଶକ୍ତି ପାଇବି ମୁଁ ହେବି ବଳୀୟାନ
ସମୟ ଆଗରେ ମୁଁ ହାତ ପାତେ ନିତି
ସମୟ କି ବୁଝେ ମୋର ଆତ୍ମାର ବିନତି ।

ସମୟ ତା' ନିଜ ବାଟେ ଚାଲେ ଇଚ୍ଛାମତେ
ଦୁର୍ଘଟଣା, ଘଟଣାକୁ ଘଟାଇ ଏମନ୍ତେ
ଅସହାୟ ମନ ମୋର ଯାଏ ଶୂନ୍ୟ ହୋଇ
ଶରଣ ହେ ଜଗନ୍ନାଥ, କର କିଛି ସାଇଁ ।

ଚେତନା ମଧ୍ୟରୁ ଭାସିଆସେ ଏକ ସ୍ୱର
ଏ ଧରାରେ କେଉଁ ଦ୍ରବ୍ୟ ନୁହେଁ ତ ତୋହର
ଦୁନିଆରେ ସବୁକିଛି କରଇ ତ ମୁହିଁ
କାହାଆଗେ ଅଭିଯୋଗ କରୁଅଛୁ ତୁହି ।

# ଏଇ ସଂସାର ଛାଡିବାକୁ ହେବ ଏହାହିଁ ସତ୍ୟ ଯଦି

**ଲକ୍ଷ୍ମୀଧର ନାୟକ**
ପାଠକ - ବିନୋଦ ନାୟକ

ଏଇ ସଂସାର ଛାଡିବାକୁ ହେବ
ଏହାହିଁ ସତ୍ୟ ଯଦି
କୁହ ତେବେ ପ୍ରଭୁ କିଆଁ କଲ ମତେ
ମରମୀ କୋମଳ ମତି ।
ତୁମ ସୃଷ୍ଟିକୁ ଭଲ ମୁଁ ପାଇଲି
ତୁମ କୀର୍ତିର କବିତା ଲେଖିଲି
ତୁମ ପୁଜା ପାଇଁ ନିଜ ଇଛାରେ
ହେଲି ତୁମ ପାଖେ ବନ୍ଦୀ
କୁହ ତେବେ ପ୍ରଭୁ କିଆଁ କଲ ମତେ
ମରମୀ କୋମଳ ମତି ।



ବଂଦୀ ଜୀବନେ ଛଂଦି ହେଉଚି
ଦୟାକର ନିଖିଳେଶ
ମତେ ଦଳିଦେଇ ଯାଉ ଅନାୟାସେ
ତୁମର ନଂଦିଘୋଷ
ଭୋଗିବାର ଆଉ ବାକୀ କଣ ଅଛି
କି ଲାଭ ଇମିତି ହାହାକାରେ ବଂଚି
ଚାରିଆଡେ ଦେଖେ ବିଭୀଷିକା ମୟ
ଦୃଶ୍ୟର ଚୌହଦୀ
ଆଉ କେତେ କାଳ ଏ ଲୀଳା ଦେଖିବି
ମରଣ ସତ୍ୟ ଯଦି
କୁହ ତେବେ ପ୍ରଭୁ କିଆଁ କଲ ମତେ
ମରମୀ କୋମଳ ମତି ।



# ନାରୀ ତୁ ସେ ପଥର ପଥିକ

ରାକ୍ଷୀ ପଣ୍ଡା, ଲରେଲ୍, ମେରୀଲାଣ୍ଡ

ନାରୀ ତୁ ସେ ପଥର ପଥିକ
ନାରୀ ତୁ ସେ ପଥର ପଥିକ...
ସମୟ କହେ ତୋ ଯାତ୍ରାର କାହାଣୀ
ଜନନୀ ଭଗିନୀ ଜାୟା ତୁ ରମଣୀ
ତୁ ପରା ପ୍ରେମର ପ୍ରତୀକ
ନାରୀ ତୁ ସେ ପଥର ପଥିକ

ନାରୀ ତୁ ଏ ପଥର ପଥିକ
ସହୁଛୁ ଲାଂଛନା ରହୁଚୁ ତୁ ଶାନ୍ତ
ସୁତ ଆଗେ କେବେ କେବେ ପୁଣି କାନ୍ତ
ସେହି ନର ଦିଏ ତତେ ନିର୍ଯାତନା
ଥିଲା ହୋଇ ଦିନେ ଯେ ତୋ ଦେହେ କୋରକ
ନାରୀ ତୁ ଏ ପଥର ପଥିକ

ନାରୀ ତୁ ହିଁ ସେ ପଥିକ
ସମୟ କହୁ ତୋ ନୂଆ କାହାଣୀ
ପାସୋରି ନଯା ହେ ତୁ ତରୁଣୀ
ରୁଦ୍ରମା ଅହଲ୍ୟା ଜିଯା ଲକ୍ଷ୍ମୀବାଈ
ସୂକ୍ଷ୍ମ ନୁହେଁ ତୁ ପରିପୂରକ
ନାରୀ ତୁ ହିଁ ସେ ପଥିକ

ନାରୀ ତୁ ହିଁ ସେ ପଥିକ
ସ୍ୱପ୍ନଭରା ରାତି, ଶୀତଳ ସାହାରା
ରକ୍ତାକ୍ତ ହୃଦୟ, ଦିଗହୀନ ଆଶା
ନହଉ ଯେପରି ତୋ ପରିଭାଷା
ପ୍ରାୟୋଜିତ ନୁହେଁ ତୁ, ତୁ ହିଁ ପ୍ରଯୋଜକ
ନାରୀ ତୁ ହିଁ ସେ ପଥିକ

ନାରୀ ତୁ ହିଁ ସେ ପଥିକ
ବରଷୀ ଯା ତୁ ହୋଇ ସେ ବାରିଦ
ପରଖି ନ ନଉ ତୋର ପାବକ
ରୋକିଦେ ଏ ସମୟ ଘୋଟକ
ଦିଶାଙ୍କୁ ମିଳିବ ଦିଶା, ଆଉ ନିର୍ଭୟା ହେବେ ନିର୍ଭିକ
ନାରୀ ତୁ ହିଁ ସେ ପଥିକ



# ବିଶ୍ଲେଷଣ

ସୁଲୋଚନା ପଟ୍ଟନାୟକ
ଏଲକ୍ରିଜ, ମେରିଲାଣ୍ଡ

ତୁମ ମନ୍ତ୍ରଣାରେ ଏଠି
ପାଣି ଚହଲୁଛି
ସମୁଦ୍ର କହୁଛି କଥା
ସ୍ଥିର ହୋଇ ତରଙ୍ଗ ବସିଛି ।

ସେଇ ଏକ ଅଜଣା
ମୂହୁର୍ତ୍ତେ
ତୁମେ ଯଦି ଆସି ଯାଅ ସଖି
ଶବ୍ଦ ସବୁ ନୀରବ ହୁଅନ୍ତେ ।

ପବନ ହସନ୍ତା
ଆଉ ପଚାରନ୍ତା
ହଜିକି ଗଲା ତୋ' ସ୍ମୃତି
ଆକାଶରେ ବସି ଭାବୁଥାନ୍ତା ।

ପାଦ ତଳେ ଛପିଗଲେ
ରେଖା ରଂଗ ଅଙ୍କର ଜ୍ୟାମିତି
ସବୁ କିଛି ସ୍ଥିର ହୁଏ
ସମୟର ସବୁ କରାମତି ।

ବରଫ, ବରଷା ଆଉ କାକରର
ଛୋଟ କଣିକାରେ
ଫୁଲମାନେ ମରିଗଲେ
ଯାତନାର ବିନା ଆଘାତରେ ।

ପତ୍ରମାନେ ଝଡିଗଲେ
ପୃଥିବୀର କୋଳକୁ ଫେରିଲେ
ଥୁଣ୍ଟା ହୋଇ ଗଛମାନେ
ବସନ୍ତର ଅପେକ୍ଷା କରିଲେ ।

ନୀରବ ନିଃସଙ୍ଗ ହୋଇ
ଶୁନ୍ୟତା ଆସନ୍ତା
ଶୀତ ଋତୁ ଚୁପଚାପ
ଠିଆ ହୋଇ ତତେ ଦେଖୁଥାନ୍ତା ।

କବିତା ଲେଖନ୍ତି ସଖି
ତୋ' କଥା ମନରୁ ପୋଛନ୍ତି
ଆଜି ଯାହା ଅଛି ଏଠି
କାଲି କଥା ପଛରେ ଭାବନ୍ତି ।

ମୂହୁର୍ତ୍ତ ମୂହୁର୍ତ୍ତ ସେ ଭାବନା
ଆସନ୍ତା ଯାଆନ୍ତା
ଅଳସୀ ସେ ରାଜଯେମା
ଅଲସେଇ କଡ ଲେଉଟାନ୍ତା

ସାହିତ୍ୟ କୁହ ନ କୁହ
ଦି'ପଦ ଲେଖିଛି
ଦୁଇ ଶବ୍ଦ ଯୋଡି ଦେଇ
କବିତା କରିଛି ।

କଥା ପଦେ ଦୁଇ ପଦ
ମୋ' ମନର ଭାବ ଏଥି ଅଛି
କବିତା କୁହ ନ କୁହ
ଓଡିଆରେ ଭାବ ପ୍ରକାଶିଛି ।

# ବରୁଣ ସ୍ମରଣେ

ଶିଖଣ୍ଡ ଶତପଥୀ



ହେ ମୋର ପ୍ରିୟ ଦରଦୀ କବି
ଅକାଳରେ ଗଲ ଅପସରି
ଅଦିନିଆ କଳାମେଘ ତଳେ
ଦରଦର କିରଣ ସାଉଁଟି

କଥା ଥିଲା ଷଢେଇକଳାର
ବ୍ୟଥାଭରା କଥା ଓ କାହାଣୀ
ପରିତ୍ୟକ୍ତ ଅନ୍ତରାତ୍ମା ବାଣୀ
ଶବଦ ସଜାଡି ଦେବ ବୁଣି

ପାନ୍ଥଶାଳା ଭଗ୍ନଇଟା ଓଠେ
ଫୁଟାଇବ ଲୁପ୍ତ ଇତିହାସ
ଯୌବନ ଓ ବାର୍ଦ୍ଧକ୍ୟର ମେଳେ
ଅଦୃଷ୍ଟର ଉଚ୍ଚ ଅଟ୍ଟହାସ

ପାନ୍ଥଶାଳାର ଭଗ୍ନାବଶେଷେ
ଗଢିଯିବ ସାହିତ୍ୟ ମନ୍ଦିର
ଆଙ୍କିଯିବ ରଙ୍ଗତୁଳି ଧରି
କାନ୍ଥେ ତାର, ଅଶ୍ରୁ ଜୀବନର

ଶୁଖିଗଲା ଲେଖନୀର ଗାର
ଶାନ୍ତ ହେଲା ସାରସ୍ୱତ ସ୍ୱର
ଲିଭିବନି କିନ୍ତୁ, କେଭେ ତୁମ
ସ୍ୱର୍ଣଦୀପ୍ତି ମଣିଷପଣର

ଭରିଯିବ ଆଖି ଯେବେ ଲୁହେ
ନିରାଶା ବା ଔଦାସ୍ୟର କୋହେ
ଅନନ୍ତ ଆକାଶ ତାରା ଗଣେ
ମନେ ପଡିଯିବ ବନ୍ଧୁ ଜଣେ

# ନିରୁଦ୍ଦିଷ୍ଟ

ଶିଖଣ୍ଡ ଶତପଥୀ



ଗନ୍ତବ୍ୟର ଲକ୍ଷ୍ୟ ଥାଇ, କିଏ ଥାଏ ହଜି
କିଏ ହଜି ଥାଏ ପୁଣି, ଠିକଣାକୁ ଖୋଜି
କାହା ଜ୍ଞାନ ବହିର୍ଭୂତ, ଅଟେ ସେ ଅଜ୍ଞାନ
ଜାଣିଶୁଣି ହଜିଯିବା, ଅତି ସାଧାରଣ

ଇନ୍ଦ୍ରଧନୁ ଆଶା ନେଇ, ସମୁଦ୍ର ଏପାରି
ଖୋଜେ ସାତ ରଙ୍ଗସଙ୍ଗ, ହୃଦେ ପଙ୍କ ବୋଳି
ମୁଖ ସିନା ମଧୁ ବୋଳା, ଉଚ୍ଚାଟ ବି ହସ
ଲୋତକର ବୈତରଣୀ, ଢାଙ୍କେ ଦୀର୍ଘ ଶ୍ୱାସ

ହଜିବା ଠିକଣା ନେଇ, ଆଗକୁ ଚାଲିଛି
କାନ୍ଦିବାର ଆଶା ନେଇ, ହସିବା ଶିଖୁଛି
ନୀରନ୍ଧ୍ର ଅନ୍ଧକାରେ, ଖୋଜୁଛି ଆଲୁଅ
ଦିଗନ୍ତର ସନ୍ଧାନରେ, ଭିଡିଅଛି ପାଗ

ତଟିନୀର ତଟ ନୀରେ, ଖୋଜଇ ଜୁଆର
ମହୋଦଧି ଉର୍ମିତୀରେ, କୁଳୁକୁଳୁ ନାଦ
ବିବାଦରେ ଲିପ୍ତଥାଇ, ଖୋଜେ ଅନୁରକ୍ତି
ସମତା ଖୋଜଇ କରି, ବୈଷମ୍ୟକୁ ବୃତ୍ତି

ସନ୍ଧାନର କୁତୁହଳେ ହଜାଇ ନିଜକୁ
ହଜିବା ଠିକଣା ନେଇ, ଚାଲିଛି ଆଗକୁ
ଜୀବନ ଗଣିତ କକ୍ଷେ, ମିଳେନା ଉତ୍ତର
ଅବିଭାଜ୍ୟ ଅଙ୍କ ତାର, ନାହିଁ ଭାଗଫଳ

# ବିବାହ

ଡକ୍ଟର କୃତ୍ତିବାସ ନାୟକ
ମେରିଲ୍ୟାଣ୍ଡ, ଆମେରିକା



ଜଙ୍ଗଲର ରାଜା ଭୟଙ୍କର ଜନ୍ତୁ-
ସିଂହ ବୁଲୁଥିଲା ବନେ,
ସୁନ୍ଦରୀ ହରିଣୀ ମାରିଦେଇ ତାକୁ-
ହସିଦେଲା ମନେମନେ |
ଏଇଟା ହିଁ ବାହାଘର,
ପୁରୁଷର ଥିବା ସବୁ ଅହଂକାର-
ହେଇଯାଏ ଚୂରମାର|(1)

ଭଲପତ୍ନୀ ଜଣେ ନିଜର ସ୍ୱାମୀକୁ-
ସୁଖଦାନ କରିପାରେ,
ଖରାପ ପତ୍ନୀ ଯେ ଯାତନା ବଳରେ-
ସ୍ୱାମୀକୁ ଭାବୁକ କରେ |
ଏଇଟା ହିଁ ବାହାଘର,
ବିଲେଇ ସାଙ୍ଗରେ ମୂଷା ବି ନାଚିବେ-
ଭାଲୁକୁ ଆସିବ ଜର|(2)

ପତି ଆଉ ପତ୍ନୀ ଗୋଟିଏ ମୁଦ୍ରାର-
ଦୁଇପାର୍ଶ୍ୱ ପରି ଥାଇ,
ବାହାର ଦେଖନ୍ତି କାହାର ହୃଦୟ-
କେହି ତ ଦେଖନ୍ତି ନାହିଁ |
ଏଇଟା ହିଁ ବାହାଘର,
ଅଠା ଲାଗିଥାଏ ଘିଅପିଠା ପରି-
ପରପାଇଁ ସୁଖକର |(3)

ସବୁ ଅଧିକାର ହସ୍ତାନ୍ତର ପାଇଁ-
ବିବାହ ତ୍ୱରିତ ଯନ୍ତ୍ର,
ଧନ-ଜନ-ଭୂମି-ଭବିଷ୍ୟ ଦାନକୁ-
ଶିଖାଏ ବିବାହ ମନ୍ତ୍ର |
ଏଇଟା ହିଁ ବାହାଘର,
ସାରା ଜୀବନ ସେ ତ୍ୟାଗକରି ସାରି-
ଘରପାଇଁ ହୁଏପର |(4)